# NATIONAL NEWS BULLETIN (ODIA)
## 28 August - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ ।

– କୃଷି ଓ କୃଷକଙ୍କ କଲ୍ୟାଣ ଲାଗି କେନ୍ଦ୍ରୀୟ କୃଷି ମୌଳିକଢାଞ୍ଚା ପାଣ୍ଠି ଅର୍ଥରାଶି ବୃଦ୍ଧି ଏବଂ ୨୩୪ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ପ୍ରତିଷ୍ଠା ସମ୍ପର୍କିତ ପ୍ରସ୍ତାବ ହେବ କାର୍ଯ୍ୟକାରୀ ।

– ଦେଶର ଉତ୍ତର-ପୂର୍ବାଞ୍ଚଳରେ ଜଳ ବିଦ୍ୟୁତ୍ ପ୍ରକଳ୍ପର ବିକାଶ ଲାଗି ଅଧିକ ଆର୍ଥିକ ସହାୟତା ଯୋଗାଇଦେବେ କେନ୍ଦ୍ର ସରକାର ।

- ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ମିଳିତ ଭାବେ ସ୍ୱର ଉତ୍ତୋଳନ କରିବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ଏବଂ

- ବାଂଲାଦେଶର ଅନ୍ତରୀଣ ସରକାର ଆଜି ଜମାତ୍-ଇ-ଇସଲାମି ଏବଂ ଏହାର ଛାତ୍ର ଶାଖା ଇସ୍‌ଲାମି-ଛାତ୍ର ଶିବିର୍ ଉପରୁ ଉଠାଇଲେ ନିଷେଧାଦେଶ ।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ର କ୍ୟାବିନେଟ୍‌ର ଅର୍ଥନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଜି ଏହି ବୈଠକରେ ଭାରତୀୟ ରେଳବାଇର ତିନୋଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ଗୁଡ଼ିକ ୬ ହଜାର ୪୫୬ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରାଯିବ । ଏହାଦ୍ୱାରା ଗମନାଗମନ, ସଂଯୋଗୀକରଣକୁ ସୁସଂହତ କରାଯିବା ସହିତ ପରିବହନ ଖର୍ଚ୍ଚ ଏବଂ ତୈଳ ଆମଦାନୀକୁ ମଧ୍ୟ ହ୍ରାସ କରାଯିବ । ଏଥିସହିତ ଅଙ୍ଗାରକାମ୍ଳ ନିର୍ଗମନକୁ ମଧ୍ୟ ହ୍ରାସ କରାଯାଇ ପାରିବ ବୋଲି ସେ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଜାମ୍‌ସେଦପୁର-ପୁରୁଲିଆ-ଆସାନ୍‌ସୋଲ୍ ମଧ୍ୟରେ

୧୨୧ କିଲୋମିଟରର ଦୈର୍ଘ୍ୟର ତୃତୀୟ ଲାଇନ୍ ଏବଂ ସର୍ଦ୍ଦେଗା-ଭାଲୁମୁଣ୍ଡା ମଧ୍ୟରେ ୩୭ କିଲୋମିଟରର ଦୈର୍ଘ୍ୟର ନୂତନ ଡବଲ୍ ଲାଇନ୍ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ଏହି ନୂତନ ରେଳ ପ୍ରକଳ୍ପ ମାଧ୍ୟମରେ ୧ହଜାର ୩୦୦ ଗ୍ରାମକୁ ସଂଯୋଗ କରାଯିବା ସହିତ ଏହାଦ୍ୱାରା ୧୧ଲକ୍ଷ ଲୋକ ଉପକୃତ ହୋଇପାରିବେ । ଏତଦ୍ ବ୍ୟତୀତ ଏହି ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଭାବେ ୧୧୪ ଲକ୍ଷ ଲୋକଙ୍କୁ ଦୈନିକ ଶ୍ରମ ମିଳିପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କ୍ୟାବିନେଟ୍‌ରେ ନିଆଯାଇଥିବା ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଦେଶର ୨୩୪ଟି ନୂତନ ସହରରେ ୭୩୦ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ଲାଗି ଇ-ନିଲାମି କରାଯିବା ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ଏହି ବୈଠକରେ ମଞ୍ଜୁରୀ ମିଳିଛି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହିତ ସ୍ଥାନୀୟ ପ୍ରସଙ୍ଗ ଗୁଡ଼ିକୁ ମାତୃଭାଷାରେ ପ୍ରସାରଣ କରାଯିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି, ଦେଶର ଯେଉଁସବୁ ଦ୍ୱିତୀୟ ଓ ତୃତୀୟ ବର୍ଗ ସହର ଗୁଡ଼ିକରେ ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ନାହିଁ ସେଠାରେ ଏହି କେନ୍ଦ୍ର ସ୍ଥାପନ କରାଯିବ । ସ୍ଥାନୀୟ ପ୍ରତିଭାକୁ ଏହି ନୂତନ ଏଫ୍.ଏମ୍. ରେଡିଓ ମାଧ୍ୟମରେ ବିକାଶ କରାଯାଇ ପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଏହି ନିଲାମ ଲାଗି ୭୮୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

ରିଜର୍ଭ ମୂଲ୍ୟ ଆକଳନ କରାଯାଇଛି । ଆଜିର ନିଷ୍ପତ୍ତି ଅନୁଯାୟୀ ଉତ୍ତର ପ୍ରଦେଶର ୩୨ଟି ନୂତନ ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ନିଲାମ୍ ହେବାକୁ ଥିବା ବେଳେ ଆନ୍ଧ୍ରପ୍ରଦେଶର ୨୨ଟି, ମଧ୍ୟପ୍ରଦେଶର ୨୦ଟି, ରାଜସ୍ଥାନର ୧୯, ବିହାରର ୧୮, ମହାରାଷ୍ଟ୍ର ଓ ତାମିଲନାଡୁର ୧୧ଟି ଲେଖାଏଁ, ପଶ୍ଚିମବଙ୍ଗର ୧୩ଟି ଏବଂ ଆସାମର ୬ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ଲାଗି ନିଲାମ୍ କରାଯିବ । ଶ୍ରୀ ବୈଷ୍ଣବ କହିଛନ୍ତି, ନୂତନ ଏଫ୍.ଏମ୍. ଚ୍ୟାନେଲ୍ ପ୍ରତିଷ୍ଠା ହେବାକୁ ଥିବା ଅଧିକାଂଶ ସହର ଗୁଡ଼ିକ ଆକାଂକ୍ଷି ଜିଲ୍ଲା ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ । ଏହି ନୂତନ ଏଫ୍.ଏମ୍. କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଏହିସବୁ ଅଞ୍ଚଳରେ ସରକାରଙ୍କ ପହଞ୍ଚ ସଶକ୍ତ ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ ମତବ୍ୟକ୍ତ କରିଛନ୍ତି ।

କେନ୍ଦ୍ର କ୍ୟାବିନେଟ୍ ଆଜି କେନ୍ଦ୍ରୀୟ କୃଷି ମୌଳିକଢାଞ୍ଚା ପାଣ୍ଠି ଅଧୀନରେ ଥିବା ଯୋଜନା ଗୁଡ଼ିକ ଲାଗି ଅର୍ଥ ରାଶି ବୃଦ୍ଧି କରିଛନ୍ତି । କୃଷକମାନଙ୍କୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୨୦ ମସିହାରେ ୧ଲକ୍ଷ କୋଟି ଟଙ୍କା ସହାୟତାରେ ଏହି ପାଣ୍ଠି ସ୍ଥାପନ କରାଯାଇଥିଲା । ଏହାଦ୍ୱାରା କୃଷକମାନେ ଅମଳ ପରବର୍ତ୍ତୀ ପ୍ରକ୍ରିୟାକୁ ସୁସଂହତ କରିବା ସହିତ ଆବଶ୍ୟକ ସ୍ଥଳେ ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ମଧ୍ୟ ଏହି ପାଣ୍ଠି ମାଧ୍ୟମରେ ସଫଳତାର ସହ କାର୍ଯ୍ୟକାରୀ କରିପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କେନ୍ଦ୍ର କ୍ୟାବିନେଟ୍ ଆଜି ୧୨ଟି ନୂତନ ଗ୍ରୀନ୍ ଫିଲ୍ଡ ଶିଳ୍ପାଞ୍ଚଳ ସ୍ମାର୍ଟ୍ ସିଟି ସ୍ଥାପନ ଲାଗି ନିଷ୍ପତ୍ତି ନେଇଛନ୍ତି । ଦେଶର ଶିଳ୍ପାଞ୍ଚଳ ବିକାଶ ଉଦ୍ଦେଶ୍ୟରେ ଜାତୀୟ ଶିଳ୍ପାଞ୍ଚଳ କରିଡ଼ର ଯୋଜନା ଅଧୀନରେ ଏହି ସ୍ମାର୍ଟ୍‌ସିଟି ସ୍ଥାପନ କରାଯିବ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ଶିଳ୍ପାଞ୍ଚଳ ପ୍ରତିଷ୍ଠା ଲାଗି ୨୮ ହଜାର ୬୦୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଭାବେ ୧୦ ଲକ୍ଷ ଏବଂ ପରୋକ୍ଷ ଭାବେ ୩୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ଉତ୍ତରାଖଣ୍ଡର ଖୁରପିଆ, ବିହାରର ଗୟା, ପଞ୍ଜାବର ରାଜପୁରା-ପଟିଆଲା, ତେଲଙ୍ଗାନାର ଜାହିରାବାଦ, ମହାରାଷ୍ଟ୍ରରେ ଦୀଘି, ଆନ୍ଧ୍ରପ୍ରଦେଶର ଓରଭାକାଲ୍ ଏବଂ କୋପାର୍ଥି, କେରଳର ପାଲାକାଡ୍, ରାଜସ୍ଥାନର ଜୋଧପୁର-ପାଲି ଏବଂ ଉତ୍ତରପ୍ରଦେଶର ଆଗ୍ରା ଓ ପ୍ରୟାଗରାଜରେ ସ୍ଥାପନ କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି ।

## କ୍ୟାବିନେଟ୍-ନର୍ଥ ଇଷ୍ଟ

ଦେଶର ଉତ୍ତର-ପୂର୍ବାଞ୍ଚଳରେ ଜଳବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର ବିକାଶ ଲାଗି ଅଧିକ ଆର୍ଥିକ ସହାୟତା ଯୋଗାଇଦେବା ସମ୍ପର୍କିତ ଏକ ପ୍ରସ୍ତାବକୁ

ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଶକ୍ତି ମନ୍ତ୍ରଣାଳୟର ଏହି ପ୍ରସ୍ତାବ ଅନୁଯାୟୀ ୨୦୨୪-୨୫ରୁ ୨୦୩୧-୩୨ ଆର୍ଥିକ ବର୍ଷ ମଧ୍ୟରେ ଏଥିଲାଗି ୪ହଜାର ୧୩୬ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହାଦ୍ୱାରା ପ୍ରାୟ ୧୫ହଜାର ମେଗାୱାଟ୍‌ର ଜଳବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । ଏହି ପ୍ରକଳ୍ପ ଗୁଡ଼ିକ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ରାଜ୍ୟ ସରକାରଙ୍କର ମିଳିତ ସହଯୋଗରେ  କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପ୍ରେଜ୍-କୋଲକାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୋଲକାତାରେ ଜଣେ ମହିଳା ଡାକ୍ତରଙ୍କ ପ୍ରତି ଦୁଷ୍କର୍ମ ଓ ହତ୍ୟା ମାମଲାରେ ଉଦ୍‌ବେଗ ପ୍ରକାଶ କରିବା ସହିତ ସମଗ୍ର ଦେଶ ଏହି ଘଟଣାରେ ହତବାକ୍ ହୋଇଯାଇଛି ବୋଲି କହିଛନ୍ତି । ଏଭଳି ଘଟଣା ବିରୁଦ୍ଧରେ ମିଳିତ ଭାବେ ସ୍ୱର ଉତ୍ତୋଳନ କରିବା ଲାଗି ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ କରିଥିବା ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଏହି ଘଟଣା ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ବିଚଳିତ ଓ ଭୟଭୀତ ହୋଇପଡ଼ିଛନ୍ତି । ମହିଳା ମାନଙ୍କ ବିରୁଦ୍ଧରେ କ୍ରମାଗତ ଭାବେ

ହେଉଥିବା ଏଭଳି ଅପରାଧ ଦେଶବାସୀଙ୍କୁ ହତୋତ୍ସାହିତ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

## ଏନ୍‌ଟିଏଫ୍‌-ମିଟିଂ

କାର୍ଯ୍ୟ ସ୍ଥଳୀରେ ଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବଂ ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ର ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ସହ-ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ବିଭିନ୍ନ ସ୍ଥାନରେ ସି.ସି.ଟିଭି କ୍ୟାମେରା ଲଗାଯିବା ସହିତ ବଡ଼ ବଡ଼ ହସ୍ପିଟାଲ୍ ଗୁଡ଼ିକ ଉପରେ ନିୟନ୍ତ୍ରଣ ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ସଚିବ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହିତ ସ୍ୱାସ୍ଥ୍ୟ କର୍ମୀଙ୍କର ସୁରକ୍ଷା ଲାଗି ୧୧୨ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ସେହିଭଳି ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ର ସ୍ୱାସ୍ଥ୍ୟ କର୍ମୀମାନଙ୍କର କାର୍ଯ୍ୟ ପରିବେଶକୁ କିଭଳି ଅଧିକ ସୁରକ୍ଷିତ କରାଯାଇପାରିବ ସେ ଦିଗରେ ଅଭିନବ ଉପାୟମାନ ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେହିଭଳି ବିଭିନ୍ନ ଜିଲ୍ଲାରେ

ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ୍ କଲେଜ୍ ଗୁଡ଼ିକରେ ଉପଲବ୍ଧ ଥିବା ମୌଳିକଢାଞ୍ଚାଗତ ସୁବିଧା ଏବଂ ସୁରକ୍ଷା ବ୍ୟବସ୍ଥାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଯାଞ୍ଚ୍ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଗଡ଼କରୀ-ରୋଡ୍ ସେଫ୍ଟି

ଦେଶରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଦିଗରେ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଫିକି ସଡ଼କ ସୁରକ୍ଷା ପୁରସ୍କାର ଏବଂ ସମ୍ମିଳନୀ ୨୦୨୪ର ଷଷ୍ଠ ସଂସ୍କରଣରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି, ଦେଶର ବିଭିନ୍ନ ସ୍ଥାନରେ ବିଶେଷ କରି ରାଜପଥରେ ଦୁର୍ଘଟଣାର କାରଣ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିସହିତ ଦୁର୍ଘଟଣା ସ୍ଥଳରୁ ଠିକ୍ ସମୟରେ ଆହତମାନଙ୍କୁ ଉଦ୍ଧାର କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆମ୍ବୁଲାନ୍ସ ଏବଂ ତାଲିମ୍ ପ୍ରାପ୍ତ କର୍ମଚାରୀଙ୍କୁ ରାଜପଥର ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି । ଶ୍ରୀ ଗଡ଼କରୀ କହିଛନ୍ତି, ଦେଶରେ ବାର୍ଷିକ ହାରାହାରି ୫ଲକ୍ଷ ସଡ଼କ ଦୁର୍ଘଟଣା ହେଉଥିବା ବେଳେ ସେଥିରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ

ବ୍ୟକ୍ତି ପ୍ରାଣ ହରାଇଥାନ୍ତି । ତେବେ ଏଥିଲାଗି ସରକାରଙ୍କ ପ୍ରଚେଷ୍ଟା ବ୍ୟତୀତ ଜନସଚେତନତା ମାଧ୍ୟମରେ ହିଁ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯାଇ ପାରିବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ଏଥିଲାଗି ଦେଶବ୍ୟାପି ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି ବୋଲି ସେ କହିଛନ୍ତି ।

## ଜିତିନ୍ ପ୍ରସାଦ

୨୦୩୦ ମସିହା ସୁଦ୍ଧା ଦେଶର ଔଷଧ କ୍ଷେତ୍ର କାରବାର ୧୩୦ ବିଲିୟନ୍ ଆମେରିକୀୟ ଡଲାର୍ ଛୁଇଁବ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ କହିଛନ୍ତି । ଆଜି ଉତ୍ତର ପ୍ରଦେଶର ନୋଇଡ଼ା ସ୍ଥିତ ଇଣ୍ଡିଆ ଏକ୍ସପୋମାର୍ଟ୍ ଠାରେ ଆୟୋଜିତ ଦଶମ ଆନ୍ତର୍ଜାତିକ ଔଷଧୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀ ପ୍ରସାଦ କହିଛନ୍ତି, ବର୍ତ୍ତମାନ ଦେଶର ଔଷଧୀୟ କ୍ଷେତ୍ର କାରବାର ୫୫ ବିଲିୟନ୍ ଆମେରିକୀୟ ଡଲାର୍‌ରେ ରହିଛି । ତେବେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଭାରତ ବିଶ୍ୱସ୍ତରୀୟ ତଥା ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହିତ ଏହି କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ପରିଗଣିତ ହେବ ।

# ବାଂଲାଦେଶ

ବାଂଲାଦେଶରେ ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ ଅନ୍ତରୀଣ ସରକାର ଆଜି ଜମାତ୍-ଇ-ଇସଲାମି ଏବଂ ଏହାର ଛାତ୍ର ଶାଖା ଇସ୍‌ଲାମି-ଛାତ୍ର ଶିବିର୍ ଉପରୁ ନିଷେଧାଦେଶ ଉଠାଇ ଦେଇଛନ୍ତି । ବାଂଲାଦେଶ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି, ସନ୍ତ୍ରାସବାଦ ଏବଂ ହିଂସାତ୍ମକ କାର୍ଯ୍ୟକଳାପରେ ଏହି ଦୁଇଟି ସଂଗଠନ ସମ୍ପୃକ୍ତି ଥିବାର କୌଣସି ଠୋସ୍ ପ୍ରମାଣ ସରକାରଙ୍କର ହସ୍ତଗତ ହୋଇନାହିଁ । ତେଣୁ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବିଜ୍ଞପ୍ତିରେ କୁହାଯାଇଛି । ପୂର୍ବରୁ ଚଳିତ ମାସ ୧ ତାରିଖ ଦିନ ବାଂଲାଦେଶର ଆୱାମି ଲିଗ୍ ନେତୃତ୍ୱାଧୀନ ସରକାର ସନ୍ତ୍ରାସବାଦ ନିରୋଧି ଆଇନ୍ ୨୦୦୯ ଅନୁଯାୟୀ ଜମାତ୍-ଇ-ଇସ୍‌ଲାମି ଏବଂ ଇସ୍‌ଲାମି ଛାତ୍ର ଶିବିର୍ ଓ ଏହାର ଅନ୍ୟାନ୍ୟ ଅନୁବନ୍ଧିତ ସଂସ୍ଥା ଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଥିଲେ ।